# ବାଞ୍ଛାନିଧିଙ୍କ ପଦ୍ୟରଚନା: ଏକ ଭାଷିକ ବିଶ୍ଳେଷଣ:

**ଡ଼ଃ ବାସୁଦେବ ସାହୁ**

ବାଞ୍ଛାନିଧି ମହାନ୍ତି ଓଡ଼ିଶାର ଜଣେ ଅଦ୍ଵିତୀୟ ଜାତୀୟ ଚାରଣ କବି । ଭାରତର ଜାତୀୟ ଆନ୍ଦୋଳନ ଓ ମୁକ୍ତି ସଂଗ୍ରାମରେ ସେ ଜଣେ ସେନାପତି ଭାବରେ ବଳିଷ୍ଠ ଭୂମିକାରେ ଅବତୀର୍ଣ୍ଣ ହୋଇ କୋଟିଏରୁ ଅଧିକ ଓଡ଼ିଆଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କର ଜାତୀୟ ଚେତନାରେ ଯେପରି ମହାଭାରତୀୟ ମହାଚେତନାର ଉନ୍ମୀଳନ ଘଟିଛି, ସେହିପରି ବିକାଶନ ଘଟିଛି ଉତ୍କଳୀୟ ଜାତୀୟତାର । ତାଙ୍କ ଭିତରେ ସ୍ଵତଃ ସ୍ଫୂର୍ତ୍ତ କବି ପ୍ରତିଭା ଥିଲା । ତେବେ ଆଗ୍ନେୟ ଜାତୀୟ ଚେତନା ତାଙ୍କ ଭିତରେ ଯେଉଁ ଭାବାଗ୍ନି – ସ୍ଫୁଲିଙ୍ଗର ଜାଗରଣ ଘଟାଇଥିଲା ତାର ଲେଲିହାନ ଶିଖା ହେଉଛି ତାଙ୍କ ଶହ ଶହ କବିତା । ସେ ପ୍ରଥମେ କବି, ପରେ ଜାତୀୟ ବୀର, କି ପ୍ରଥମେ ଜାତୀୟ ବୀର ପରେ କବି, ତାହାର ଅଲଗା ବିଚାର ହୋଇପାରିବ ନାହିଁ । ଏହି ଦୁଇ ସ୍ରୋତ ସମାନ୍ତରାଳ ପ୍ରବାହ ତାଙ୍କର ଜୀବନରେ କିମ୍ବା କବିତାରେ ଦେଖାଦେଇନାହିଁ । ବରଂ ସେ ଓ ତାଙ୍କର କାବ୍ୟଧାରା ଦୁଇ ସ୍ରୋତର ଏକ ଅନନ୍ୟ ଅନ୍ଵୟରେ ପରିପୂର୍ଣ୍ଣ ଏକ ମହାପ୍ରବାହ ।

କବିତା ତ ଅନେକ ଲେଖନ୍ତି । କିଏ ବୁଦ୍ଧିକୁ ଦୀପ୍ତ କରିବା ପାଇଁ ତ କିଏ ନିଜର ପ୍ରାଣ ପ୍ରତିଭାର ଔଚିତ୍ୟ ପ୍ରକାଶ କରିବା ପାଇଁ । ସେ କିନ୍ତୁ ରାଶି ରାଶି କବିତା ସୃଷ୍ଟି କରିଛନ୍ତି କୋଟିକୋଟି ହୃଦୟକୁ ଉଦ୍ଦୀପ୍ତ କରିବା ପାଇଁ, ଉତ୍ତେଜିତ କରିବା ପାଇଁ, ଉତ୍ତପ୍ତ କରିବା ପାଇଁ, ଉତ୍ତାଳ ଉଚ୍ଛଳ କରିବା ପାଇଁ । ତେଣୁ ତାଙ୍କ କବିତାର ପ୍ରତ୍ୟେକ ପଂକ୍ତିରେ ସମ୍ଭବ ହୋଇଛି ଆଗ୍ନେୟ ଗିରିର ଉଦ୍‌ବାରିତ ଉଦ୍‌ଗୀରଣ । ତାଙ୍କର କବିତାରେ ସେ ଏପରି ଧ୍ଵନି, ଶଦ୍ଦ ଓ ବାକ୍ୟରେ ସଂସ୍ଥାପନ କରିଛନ୍ତି, ଯହିଁରେ ତାଙ୍କର ଉଦ୍ଦିଷ୍ଟ ଓ ନିର୍ଦ୍ଦିଷ୍ଟ ଅର୍ଥ ସ୍ଵତଃ ଉକୁଟି ଉଠି ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ଏକ ଜାତୀୟ ବ୍ୟକ୍ତିତ୍ଵର ଅଗ୍ନିମନ୍ତ୍ର ଭରି ଦେଇଛି । ଏହି ଦୃଷ୍ଟିରୁ ଭାଷା ତାତ୍ତ୍ଵିକ ଦିଗ ତାଙ୍କ କବିତାର ସାମର୍ଥ, ଶକ୍ତି, ସାର୍ଥକତା ଓ ସଫଳତାକୁ ବହୁ ଗୁଣରେ ବଢାଇ ଦେଇଛି ।

**ଧ୍ଵନିତତ୍ତ୍ଵ**

କବିତାର ଧ୍ଵନି ହିଁ ପାଠକ ଓ ଶ୍ରୋତାମାନଙ୍କ ହୃଦୟରେ କବିଙ୍କ ଭାବ ଓ ସ୍ଵଭାବର ପ୍ରତୀତିର ପ୍ରତିଧ୍ଵନି ତୋଳିଥାଏ । ଧ୍ଵନିର ଆବହ ପ୍ରବାହ ନିଜ ଠାରୁ ଅର୍ଥ ପର୍ଯ୍ୟନ୍ତ ଏକ ସଂଯୋଗ ସୂତ୍ର ସ୍ଥାପନ କରେ । ଫଳରେ ଧ୍ଵନିର ଆବହ ସଂଗୀତ ଏକ ଅର୍ଥ ସୃଷ୍ଟି କରି ହୃଦୟରେ ପ୍ରଭାବ ବିସ୍ତାର କରେ । ଏହାର ଗୋଟିଏ କୋଟୀରେ କବିର ଚିନ୍ତା କେନ୍ଦ୍ରକୁ ଦୋହଲେଇ ଦେଇଥିବା ଧ୍ଵନି ଏବଂ ଅନ୍ୟ କୋଟୀରେ ପାଠକ ବା ଶ୍ରୋତାର ଚିନ୍ତା କେନ୍ଦ୍ରକୁ କମ୍ପିତ ଓ ପ୍ରତିକ୍ରିୟାଶୀଳ କରିପାରୁଥିବା ଭାବ । ତେଣୁ ଧ୍ଵନିର ସାର୍ଥକ ପ୍ରୟୋଗର କବି ଅର୍ଥ ସମୂହନ କ୍ଷମ ଶଦ୍ଦ ପରେ ଶଦ୍ଦ ସୃଷ୍ଟି କରି ଚାଲିଥାଏ । ଧ୍ଵନି ପ୍ରୟୋଗର ବହୁ କୌଶଳ ରହିଛି । ସେଥିରୁ କତିପୟ କୌଶଳର ଦୃଷ୍ଟାନ୍ତ ଦିଆଯାଉଛି ଯାହାକୁ କବିବାଞ୍ଛାନିଧି ଆଗ୍ରହର ସହିତ ଗ୍ରହଣ କରିଛନ୍ତି ।

**(କ) ଅନୁପ୍ରାସ:-** ଧ୍ଵନିର ବାରମ୍ଵାର ପ୍ରୟୋଗ ହେଉଛି ଅନୁପ୍ରାସ । ଏହି ଅପୁପ୍ରାସ ଆବୃତ୍ତି ଧର୍ମୀ କବିତା ପାଇଁ ଅନୁକଳଣ ସୃଷ୍ଟି କରେ । ଅନୁପ୍ରାସ ଆବୃତ୍ତି ଧର୍ମୀ କବିତା ପାଇଁ ଅନୁକଳଣ ସୃଷ୍ଟି କରେ । ଅନୁପ୍ରାସ ଅନୁପ୍ରାଣ କବି ବାଞ୍ଛାନିଧିଙ୍କ କବିତାରେ ଅଜସ୍ର ଦୃଷ୍ଟାନ୍ତି ରହିଛି । ଯଥା-

କରମା କରୁଣା / ଜାଣିଲେଣି ଲାଗିଲେଣି / ମନ୍ଦେ ମନ୍ଦେ ନବ ଆନନ୍ଦେ / ଝର ବସୁଧାରୁ ସୁଧା ସୁଧାକର / ପ୍ରମାଦ ଆସି ବୁଡ଼ିଲା / ରୁଧିର ଧାର ଧଶର ଧାରା / କେତେ ଜଣା କେତେ ଅଜଣା , କେତେ ଗଣା କେତେ ଅଗଣା / ହେବ କଂସ ଧ୍ଵଂସରେ ବଂଶ ହେବ ଧ୍ଵଂସରେ / ତୁମ୍ଭେ ଯୋଗେ ଭରସା ଦେବାକୁ ଲୋଡୁଥିଲି / ଟିକିଲି ତା ଅଂଶ ଟୀକା, ସମ୍ପର ଚାରୁ ଛିଟିକା / ଫୁଲଝର ଫୁଲଝର / ମୋ ଜାତି କେଡ଼େ ମହତ, ହୋଇଛି ଚେତନା ହତ / ମୋ ଭାଇର ବାଟିକୁ ବାଟି, ଅମାର ତ ପଡୁଛି ଫାଟି, ମୋର ଚାଳେ ନାହିଁ ଛପର କୁଟାଟି / କହ କହ କେଉଁ ଜାତି ପାଇଛି ମୁକତି କରି ହୁରି ହାରି ଗୁହାରି / (ପଦାନ୍ତ ମିଳନ ପାଇଁ ବ୍ୟବହୃତ) ଆକୁଳେ, ଦୁକୂଳେ, ବ୍ୟାକୁଳେ / ମାନବେ ଦାନବେ / ସରବେ ଗରବେ ପରବେ / ହରଷେ ସରସେ ପରଶେ, ଦରଶେ ବରଷେ / କାନ୍ଦିଲେ କି ହେବ ଫାନ୍ଦିଲେ କି ହେବ / କର ଗରବ ସରବ / କର ବଢୁଛି ଯେପରି ଦର ବଢୁଛି ସେପରି / ଗାଅ ଗାଅ ...ଗାଅ ଗାଅ (ପାଞ୍ଚଟି ପଂକ୍ତିରେ ପୁନରାବୃତ୍ତି)

**ଶଦ୍ଦ-ପୁନରାବୃତ୍ତିମୂଳକ ଅନୁପ୍ରାସ /ଯମକ**

ଏକ ଶଦ୍ଦର ପୁନରାବୃତ୍ତି ମୁଖ୍ୟତଃ ଏକ ଅର୍ଥ ମହତ୍ଵ ଉପରେ ଗୁରୁତ୍ଵ ବା ଶକ୍ତିପାତ ପାଇଁ ଆବଶ୍ୟକ ହେଉଥାଏ । ଗଦ୍ୟ ଅପେକ୍ଷା ପଦ୍ୟରେ ଏହାର ସଂଖ୍ୟା ଯଥେଷ୍ଟ ଅଧିକ । ଅତ୍ୟନ୍ତ ଭାବପ୍ରବଣ କବିମାନେ ମୁଖ୍ୟତଃ ଏହି କାରଣରୁ ସଜ୍ଞାନ ଚିତ୍ତରେ ପ୍ରାୟ ପ୍ରତି କବିତାରେ ପୁନରାବୃତ୍ତି ସୃଷ୍ଟି କରିଥାନ୍ତି । କବିତାରେ ସାଙ୍ଗୀତିକ ଉଚ୍ଛ୍ଵାସ ପାଇଁ ମଧ୍ୟ ଏହାର ଆବଶ୍ୟକତା ପଡ଼ିଥାଏ । ବୀଣାରେ

ଝଂକାର ପରି କବିତାରେ ନୁନାରାବୃତ୍ତି ଯୋଗୁଁ ଅନୁପ୍ରାସ ଦେଖାଦେଇଥାଏ ଓ କେତେବେଳେ ଜମକ ଦେଖାଦେଇଥାଏ । ଯେତେବେଳେ ପୁନରାବୃତ୍ତି ଆବର୍ତ୍ତରେ ନାଚୁଥିବା ଶବ୍ଦଗୁଡ଼ିକ ଭିନ୍ନ ଭିନ୍ନ ଅର୍ଥକୁ ଉଦ୍‌ଭିନ୍ନ କରାଇଦିଏ, ସେତେବେଳେ ଜମକର ସୃଷ୍ଟି ହୁଏ । ଅନୁପ୍ରାସ ହେଉ ଯମକ ହେଉ ଏହି ପୁନରାବୃତ୍ତି ଯୋଗୁଁ କର୍ଣ୍ଣରେ ମଧୁରତା ଢାଳି ଦେଇଥାଏ । କବି କେତେବେଳେ ଗୋଟିଏ ପାଦରେ ତ କେତେବେଳେ ଗୋଟିଏ ପଦରେ ଏହି ପୁନରାବୃତ୍ତି ଘଟାଇଥାନ୍ତି । ଗୋଟିଏ ପାଦରେ ବା ପଂକ୍ତିରେ ଯେଉଁ ପୁନରାବୃତ୍ତି ଘଟିଥାଏ ତାହାକୁ କୁହାଯାଏ ସରଳରୈଖିକ ପୁନରାବୃତ୍ତି । ଯେଉଁଠି କ୍ରମାନ୍ୱୟରେ ପାଦ ପରେ ପାଦ ଏହି ପୁନରାବୃତ୍ତି କାବ୍ୟିକ ମାଧୁର୍ଯ୍ୟରେ ଅନ୍ୱିତ ହୁଏ, ସେତେବେଳେ ଏହି ପୁନରାବୃତ୍ତି କୁହାଯାଏ ସୌପାନିକ ପୁନରାବୃତ୍ତି । କେତେବେଳେ ଦୁଇପାଦ ମଧ୍ୟରେ ଏକ ପାଦର ବ୍ୟବଧାନ ରହିଲେ ଯେଉଁ ପୁନରାବୃତ୍ତି ହୁଏ ତାହା ଏକାନ୍ତର ପୁନରାବୃତ୍ତି । କେତେବେଳେ କିଛି ଦୂର ଛାଡ଼ିଥିବା ପଦରେ ପୁନରାବୃତ୍ତି ଘଟିଲେ ତାହା ହୁଏ ସମାନ୍ତରାଳ ପୁନରାବୃତ୍ତି ।

ସରଳରୈଖିକ ପୁନରାବୃତ୍ତି:-

- ଜୟ ଜୟ ଜୟ ଭାରତ ଜନନୀ !
- କାନ୍ଦନା କାନ୍ଦନା ଭାରତ ଜନନୀ !
- ଉଠ ଉଠ ଉଠ ଭାଇ
- ମନ୍ଦେ ମନ୍ଦେ
- ସହି ସହି ସେତ ପଥର ହେଲାଣି
- ପ୍ରେମେ ଦେଇ ଢାଳି ନାଚ ଢଳି ଢଳି ଗାଇ ଜୟ ଜୟ ଜୟ ହୋ ।
- ମାଅ ମାଆ ବୋଲି ଡ଼ାକି କିମ୍ପା ଯାଇ ନାହିଁରେ ।
- ଜାଗ ଜାଗ ଭାଇ ହେ ଲାଗ ଲାଗ ଯତନେ ।
- ଖଟି ଖଟି ମଲେଣି ମୂଲିଆ
- ତାଳେ ତାଳେ ମାନେ ମାନେ
- କୁଳୁ କୁଳୁ ନାଦେ
- ହାୟ ! ହାୟ ! ହାୟ ଆଜି କି ହେଲା ହେଲାରେ !
- ତାନେ ତାନେ ମାନେ କିସୁରେ ମାନିନୀ ଗାଏ ।

**ସୌପାନିକ ପୁନରବୃତ୍ତି :**

- ସହିଲୁଣି କେତେ କେତେ କଷଣ
  ସହିଲୁଣି କେତେ କେତେ ଦୂଷଣ ।
- ହରି ନେଲା ଅରି ତାଂକୁ କି ଉପାୟ ତହିଁକି
  ହରି ନେଇଥିଲା ମହୀ ଦାଶରଥି ଭାଇକି ।
  ତବ ଜ୍ଞାନେ ରଚିଥିଲେ ବ୍ୟାସ ମହାଗୀତିକି
  ତବ ଜ୍ଞାନେ ବିଳ ରାଜା ଦେଇଥିଲେ କ୍ଷିତିକି ।
  କାହା ଆଗେ କହିବିରେ ମରମ କଥା,
  କାହା ଆଗେ ଏ ମରମ ବ୍ୟଥା,
  କାହା ଆଗେ ଏ ଦୁଃଖୀ କାହାଣୀ ?
- ଗାଅ ଗାଅ ଭାରତ ମାତାର ଜୟ ଗାଅ ଗାଅ ହେ,
  ଗାଅ ଗାଅ ମହାତ୍ମାଗାନ୍ଧି ଜୟ ଗାଅ ଗାଅ ହେ,
  ଗାଅ ଗାଅ ହିନ୍ଦୁ ମୁସଲମାନଙ୍କର ଜୟ ଗାଅ ହେ,
  ଗାଅ ଗାଅ ଆଲି ଭାଇଙ୍କର ଜୟ ଗାଅ ହେ ।

**ଏକାନ୍ତର ପୁନରାବୃତ୍ତି :**

- ଭାଇ ଚାହିଁରେ ବାରେ
  ତାରି ଆକୁଳ ଆଢ଼େ
  ଭାଇ ଚାହରେ ବାରେ

\- କୋଟି କୋଟି ପ୍ରାଣ ଆସି ଗଲେଣି ଯେ ସ୍ରୋତେ ଭାସି
ଯିବ ସେହି ସ୍ରୋତେ ମିଶି କା ଦେଲେ କେ ମହିବରେ
କୋଟି କୋଟି କଣ୍ଠ ଆଜି ଉଠୁଛି ଗମ୍ଭୀରେ ବାଜି
ସ୍ୱଦେଶ ସଂଗୀତ ରାଜି ତୋ ପ୍ରାଣେ ପଶିବ ଯେ ।

**ସମାନ୍ତରାଳ ପୁନରାବୃତ୍ତି:-**

ମୋ ଜାତି କେଡ଼େ ମହତ
ହୋଇଛି ଚେତନା ହତ
ତିନି ଦେଶେ ବନ୍ଧା ଜଳଧାରା ତ୍ରିବେଣୀ
ମୋ ଜାତି କୃଷକ କୁଳ କର ଭାରରେ ଆକୁଳେ ।

\- ଗଉରବ ବସନା ମାଗୋ ଶୋଭନ ତନୁଲତା
ଗଉରବ ବସନା ମାଗୋ
ଝଲମଲ ଝଲ ଗଉରବ ବସନା ମାନେ ।

**ମାଳ ପୁନରାବୃତ୍ତି :-**

ଯେଉଁ କବିତାରେ ଅଧିକାଂଶ ପଂକ୍ତିରେ ସରଳରୈଖିକ ପୁନରାବୃତ୍ତି ରହିଥାଏ ତାହାକୁ କୁହାଯାଏ ମାଳ ପୁନାରାବୃତ୍ତି । "ଉତ୍କଳବୀର" ର ପ୍ରଥମ ଝଂକାରରେ ସନ୍ନିବେଶିତ ଗୋଟିଏ କବିତାକୁ ଏହାର ଉଦାହରଣ ସ୍ୱରୂପ ନିଆଯାଇପାରେ । ଏଠାରେ ଦୁଇଟି ପଦକୁ ଛାଡ଼ିଦେଲେ ଅନ୍ୟ ସାତୋଟି ପଦରେ ମାଳ ପୁନରାବୃତ୍ତିର ବ୍ୟବହାର ହୋଇଅଛି । ଏଥିରୁ ୨୪ଟି ପାଦ ମଧ୍ୟରୁ ୧୮ଟି ପାଦରେ ସରଳରୈଖିକ ପୁନରାବୃତ୍ତି( ମାଳପୁନରାବୃତ୍ତି) ଲକ୍ଷ୍ୟକରାଯାଏ । ଯଥା - ହାଁ ଜି ହାଁଜି ଭଜି ଭଜି / ବାରି ବାରି / ହରି ହରି / ଗୁଣୁଗୁଣୁ / ଫୁଲଫୁଲ / ମଲି ମଲି / ଠେଲି ଠେଲି / ହେବ ହେବ / ଜୀବ ଜୀବ / ପର ପର ପର / ମର ମର / କରି କରି / ଥରି ଥରି / ବାବୁ ବାବୁ ବାବୁ / ଟାଣ ଟାଣ / ହାମୁଡ଼ି ହାମୁଡ଼ି 'ଇତ୍ୟାଦି'

**ଉପଧା ମିଳନ:-**

ବାଞ୍ଛାନିଧି ମହାନ୍ତି ରାଧାନାଥ ଯୁଗର କବି । କବିତାରେ ଉପଧାମିଳନ କ୍ଷେତ୍ରରେ ସେ ରାଧାନାଥ, ଭକ୍ତ କବି ମଧୁସୁଦନ, ଗଙ୍ଗାଧର, ନନ୍ଦକିଶୋର ଓ ଗୋପବନ୍ଧୁଙ୍କର ପଦାଙ୍କ ଅନୁସରଣ କରିଥିଲେ । ତାଙ୍କର ବୟୋଜ୍ୟୋଷ୍ଠ କବି ଫକୀର ମୋହନ ସମକାଳୀନ କବି ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ପ୍ରଭୃତି ଉପଧାମିଳନ ଉପରେ ଗୁରୁତ୍ୱ ଆରୋପ କରି ନଥିଲେ । ଅଳ୍ପ କେତୋଟି ସ୍ଥଳକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥଳରେ ବାଞ୍ଛାନିଧିଙ୍କ କବିତାରେ ଉପଧଶମିଳନର ଆଦର୍ଶ ସଚେତନ ସମୀକ୍ଷକଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଉପଧାର ଅର୍ଥ ହେଉଛି ପାଦ ଓ ପଦର ଶେଷ ଅକ୍ଷରର ନିକଟ ପୂର୍ବ ସ୍ୱର ଧ୍ୱନି । ଏହି ସ୍ୱର ଧ୍ୱନି ଉଚ୍ଚାରଣରେ ସାମ୍ୟବହନ କଲେ କବିତାର ଶ୍ରୁତି ମାଧୁର୍ଯ୍ୟ ବୃଦ୍ଧି ପାଏ । 'ଉପ' ଅର୍ଥ ନିକଟ 'ଧା' ସ୍ଥିତି । ଶେଷ ଅକ୍ଷରର ନିକଟ ପୂର୍ବରୁ ରହିଥାଏ ବୋଲି ଏହାର ନାମ ଉପଧା । ଅନେକ କ୍ଷେତ୍ରରେ ଏହି ଉପଧା ସମ ବ୍ୟଞ୍ଜନ ମଧ ବହନ କରିଥାଏ ।

ଉଦାହରଣ (କ) ସାଧାରଣ ଉପଧା :-

ପ୍ରହାର -ପ୍ରକାର / ମନ୍ତ୍ର -ତନ୍ତ୍ର / ବସି - କଷି / ବଢ଼ିଲା-ବୁଝିଲା / ଅଦାଲତ-ପଞ୍ଚାୟତ / ଉଦ୍ଧାର-ଗୀତର / ବାନ୍ଧିଗୋସାଇଁ କରିବା ପାଇଁ / ବାନ୍ଧିକି -ବାଲିକି ପାଇଁକି- ଜିଣିକି ।

(ଖ) ସବ୍ୟଞ୍ଜନ ଉପଦା :-

କମଳେ-ବିମଳେ / କଷଣ -ଦୂଷଣ /

ସକଳ - ଉତ୍କଳ / ସହୁଛିରେ -ବୋହୁଛିରେ -ରହୁଛିରେ -ମହୁଛିରେ-ବହୁଛିରେ ବେଳରେ-କଳରେ / ସହିତେ-ମୋହିତେ / ଭାରତରେ - ଅକାତରେ / ଦରବରେ -ଗାଇବରେ / ଜୀବନରେ -ଆଲିଙ୍ଗନରେ - ଅଶନରେ -ପ୍ରୟୋଜନରେ / ବେଶେ - ଶେଷେ- ସମାବେଶେ / କବିତା-ସବିତା / ଟିକା -ଛିଟିକା / କହତ -ହତ / କୁଳ-ଆକୁଳ /

**ଯୁକ୍ତାକ୍ଷର ଉଚ୍ଚାରଣରେ ଦ୍ୱିଧ୍ୱନିର ଦୈର୍ଘ୍ୟ:-**

ସଂସ୍କୃତର ଗୁରୁ ଲଘୁନିୟମ ଅନୁଯାୟୀ ଯୁକ୍ତାକ୍ଷର ଗୁଡ଼ିକର ଉଚ୍ଚାରଣ ଦୁଇଟି ଯୁକ୍ତ ବ୍ୟଞ୍ଜନ ଉଚ୍ଚାରଣ ସହିତ ସମାନ । ରାଧାନାଥ, ଗଙ୍ଗାଧର, ମଧୁସୂଦନ, ଗୋପବନ୍ଧୁ ପ୍ରଭୃତି ଏ କ୍ଷେତ୍ରରେ ପାରଙ୍ଗମତା ଦେଖାଇପାରିନାହାନ୍ତି । ପ୍ରଥମେ ସବୁଜ ଯୁଗର କବିମାନେ ଏହି କ୍ଷେତ୍ରରେ ଅଗ୍ରଣୀ ଥିଲେ । ବାଞ୍ଛାନିଧି ୧୯୩୮ ମସିହା ପର୍ଯ୍ୟନ୍ତ ଜୀବିତ ଥିବାରୁ ତାଙ୍କର ଛନ୍ଦରେ ସବୁଜ ମୁଖୀୟ ଛନ୍ଦର ପ୍ରଭାବ ପରିଲକ୍ଷିତ ହୁଏ । ଅଗ୍ନିଗର୍ଭ ବିପ୍ଳବାତ୍ମକ ଓ ଦେଶାତ୍ମବୋଧକ କବିତାରେ ଏହି ଯୁକ୍ତାକ୍ଷର ବିଦ୍ରୋହର ଏହି ସତର୍କ

ଚତୁରତା ଦେଖିବାକୁ ପାଉ । ଯଥା- ନିର୍ଜିତ ଆଜି ଲାଞ୍ଛିତ ଆଦିରେ ଆଜି ଗରିମା ହରା । ଏଠାରେ ଯୁକ୍ତାକ୍ଷର ର୍ଜି ଏବଂଞ୍ଛି ରେ ଦୁଇଟି ବ୍ୟଞ୍ଜନ ଯୁକ୍ତ ହୋଇ ଅଛି । ଗୋଟିଏ ଗୋଟିଏ ଅକ୍ଷର ହୋଇଥିଲେ ହେଁ ଗୁରୁ ଉଚ୍ଚାରଣ ଯୋଗୁଁ ଦୁଇଟି ବ୍ୟଞ୍ଜନର ଶକ୍ତିପାତରେ ଅକ୍ଷର ଉଚ୍ଚାରିତ ହେଉଅଛି । ଏବଂ ଉପର ତିନି ତିନି ଅକ୍ଷର ବିଶିଷ୍ଟ ଶବ୍ଦ ବିଶିଷ୍ଟ ଶବ୍ଦ ଚାରୋଟି ଲେଖାଏଁ ଅକ୍ଷରର ଉଚ୍ଚାରଣ ବହନ କରିଛି । ସେହିପରି ଅନ୍ୟାନ୍ୟ ଉଦାହରଣ ହେଉଛି-

- ଚନ୍ଦ୍ର କି ଲୁଚେ ତାରା ଆଲୋକ
- ସୂର୍ଯ୍ୟ କି ଲୁଚେ ବାଦଲର ଛାଇ
- ମୁଁ ଯଦି ମନ୍ତ୍ରୀ ହୁଏ ମୋହରି ଜୀବନ ଧନ୍ୟ ହେବ ।
- ଆନନ୍ଦଘନ ପ୍ରଭୁ ଅମାନ୍ଦମୟୀ ପରଜାକୁ ରଞ୍ଜନ ରାଜା ଦରଶେ ।
- ସାନ୍ଧ୍ୟ ନୀଳମେଘେ ବିହରି ବିଦ୍ୟୁଲତା
- ମଞ୍ଜୁଳ ରକ୍ତିମ ରାଗେ ଦୂରେ ଯାଏ ସବିତା
- ସାଜେ ଅଭ୍ରରାଶି ଶୁଭ୍ର ଛଡ଼ା
- କ୍ଷଣେ ଅନ୍ତର୍ଦ୍ଧାନେ ଶଶୀ କଳ୍ପଲତା ।

ଅବଶ୍ୟ ଅଧିକାଂଶ କବିତାରେ ବାଞ୍ଛାନିଧି ପାରଂପରିକ ଛନ୍ଦର ଅନୁସରଣ କରିଥିବାରୁ ନୂତନ ଛନ୍ଦ ପାଇଁ ଆବଶ୍ୟକ ଯୁକ୍ତାକ୍ଷରର ଗୁରୁତ୍ୱ ତାଙ୍କ କବିତାରେ ସବୁ ସ୍ଥଳରେ ଅନୁଭୂତ ହୁଏ ନାହିଁ । କେତେକ ସ୍ଥଳରେ ଅନୁଭୂତ ହୁଏ ମାତ୍ର । ଗୋଟିଏ କବିତାରେ ସେ କେତେବେଳେ ଯୁକ୍ତାକ୍ଷରର ଦୁଇ ଅକ୍ଷର ଦୈର୍ଘ୍ୟ ସୃଷ୍ଟି କରିଛନ୍ତି ତ ସେହି କବିତାର ଅନ୍ୟ ସ୍ଥଳରେ ଏହି ନିୟମ ଭଂଗ କରିଛନ୍ତି ।

**ସ୍ୱରଭକ୍ତି :-**

ଯୁକ୍ତବ୍ୟଞ୍ଜନର ମଧ୍ୟଭାଗରେ ସ୍ୱରର ଆଗମ ଘଟି ଯୁକ୍ତାକ୍ଷରକୁ ଦୁଇଟି ଅକ୍ଷରରେ ବିଭକ୍ତ କରିଦେଲେ ତାହାକୁ ସ୍ୱରଭକ୍ତି ବା ସ୍ୱରବିପ୍ରକର୍ଷ କୁହାଯାଏ । ସଂଗୀତରେ ଲାଳିତ୍ୟ କାନ୍ତି, କୋମଳତା, ସୃଷ୍ଟିଲାଗି ସ୍ୱରଭକ୍ତିର ଆବଶ୍ୟକତା ପଡ଼ିଥାଏ । ବାଞ୍ଛାନିଧି ନିଜ କବିତାକୁ ଏହିଭଳି ଗୁଣରେ ଋଦ୍ଧମନ୍ତ କରିବା ପାଇଁ ଅଜସ୍ର ସ୍ଥଳରେ ସ୍ୱରଭକ୍ତି ସଂପନ୍ନ ଶବ୍ଦର ବ୍ୟବହାର କରିଛନ୍ତି ।

ଯଥା:- ସର୍ବେ-ସରବେ, ଜର୍ମାନି-ଜରମାନି, ମର୍ମ- ମରମ, ମାତ୍ରେ- ମାତରେ, ବର୍ଷ- ବରଷ, ପ୍ରବେଶି- ପରବେଶି, ବାର୍ତା-ବାରତା, ମୁକ୍ତି- ମୁକତି, କଳ୍ପନା- କଲପନା, ଟ୍ୟାକ୍ସ-ଟାକସ-ଟକସ, ଅର୍ଜୁଛ - ଅରଜୁଛ, କର୍ଣ୍ଣତନୟ-କରନ ତନୟ, ପର୍ବେ- ପରବେ, ହର୍ଷେ- ହରଷେ, ସ୍ପର୍ଶେ-ସ୍ୱରଶେ- ପରଶେ, ଜନ୍ମ- ଜନମ, ବର୍ଷା- ବରଷା ।

**ସଂଯୁକ୍ତ ସ୍ୱର / ଦୁଇଟି ସରଳ ସ୍ୱର-**

ଦୁଇଟି ସାର୍ଥକ ସଂଯୁକ୍ତ ସ୍ୱରଧ୍ୱନି କବିତାରେ ଲାଳିତ୍ୟ ସୃଷ୍ଟି ପାଇଁ ଏ ଦୁଇଟି ଯଥାକ୍ରମେ ଦୁଇଟି ସରଳ ଶୁଦ୍ଧସ୍ୱର, 'ଅଇ' ଓ 'ଅଉ' ରେ ପରିଣତ ହୋଇଥାନ୍ତି । ବାଞ୍ଛାନିଧି କବିତାରେ ଏହାର ଉଦାହରଣ ସୁଲଭ । ଯଥା-

ବୈରୀ-ବଇରୀ, ସୈନୀ- ସଇନି

ଗୌରବ- ଗଉରବ, ମୌନ- ମଉନ ।

**ସ୍ୱରଲହର:-**

ବାଞ୍ଛାନିଧିଙ୍କ ପଦ୍ୟ ମୁଖ୍ୟତଃ ସଂଗୀତଧର୍ମୀ । ସଂଗୀତରେ ସ୍ୱରଲହର ଅପରିହାର୍ଯ୍ୟ । ତେଣୁ କବି ଅନେକ ଶବ୍ଦ ପ୍ରୟୋଗରେ ସ୍ୱରଲହର ସୃଷ୍ଟି କରିଛନ୍ତି ।

ଯଥା-

ଶହେ ପାନ କରି ପାଆର ହୋଇବି ।(ପା-ର)

ଦି'ଟା- ଦିଇଟା (ଦି-ଟା)

ମା (ମା-)

ଗୋ(ଗୋ -)

କା' ପାଇଁ (କା- ପାଇଁ)

**ଅପିନିହିତ :-**

ଯେଉଁଠି 'ଇ' 'ଉ' ଯଥା ସ୍ଥାନରେ ରହି ମଧ୍ୟ ପୂର୍ବରୁ ଉଚ୍ଚାରିତ ହୁଏ ସେଠାରେ ଅପିନିହିତି ଘଟେ । ବାଞ୍ଛାନିଧିଙ୍କ କବିତାରେ ଏହିଭଳି କିଛି ଉଦାହରଣ ଦେଖିବାକୁ ମିଳେ ଯଥା:-

ଅରି- ଅଇରି

ବଇଁଶୀ - ବଇଁଶୀ

ସେମିତି- ସେଇମିତି

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପ୍ରକାଶିତ ବାଞ୍ଛାନିଧି ପଦ୍ୟାବଳୀର ପଦ୍ୟ ନଂ ୪, ୬, ୯, ୧୭, ୨୦, ୨୧, ୨୩, ୨୪, ୪୦ (ଗଜଲ) ୫୦, ୪୫, 'ଉତ୍କଳବୀଣାର' ପ୍ରଥମ ଝଂକାର ଓ ଦ୍ୱିତୀୟ ଝଂକାରରେ ସନ୍ନିବେଶିତ ଅଧିକାଂଶ ସଂଗୀତରେ ସ୍ୱର ଲହର ମୁଖ୍ୟ ଭୂମିକା ଗ୍ରହଣ କରିଛି ।

**ବ୍ୟଞ୍ଜନଧ୍ୱନିର ଲୋପ :-**

ଯୁକ୍ତ - ଯୁତ

ପ୍ରାତଃ - ପ୍ରାତ

ମହତ୍ୱ - ମହତ

ମାତଃ - ମାତ

**'ଦ' ଅବ୍ୟୟର ସାର୍ଥକ ପ୍ରୟୋଗ :-** ଆଉ ତ ନ ଚଳେ

ମୋ ପରି ତ କୋଟିଏ

ଅମାର ତ ପଡ଼ିଛି ଫାଟଇ ।

**ଶବ୍ଦ ସଙ୍କୋଚନ :-** ସମର୍ପି - ସଁପି

ପ୍ରତ୍ୟୟ - ପ୍ରତେ

ମିନତ୍ ବିଜ୍ଞପ୍ତି - ମିନତି

**ସ୍ୱରାଗମ :-**

ମହତ୍ -ମହତ, ଜଗତ, ଜଗତ୍ -ଜଗତ, ରାଜନ୍ - ରାଜନ

**ମଧ୍ୟ ବ୍ୟଞ୍ଜନ ଲୋପ :-** ସାରିଲେ -ସାଇଲେ, ଆସିଲେ- ଆଇଲେ, ଅଇଲେ ଆଲୋକ-ଆଲୁଅ, ଉଦିଛି-ଉଇଁଛି, ମାରିଲେ-ମାଇଲେ

**ଧ୍ୱନି ଉଚ୍ଚାରଣରେ ଆଞ୍ଚଳିକ ପ୍ରଭାବ :-**

ଓ -ଉ ; ମୋଡ଼ିଲା - ମୁଡ଼ିଲା

ତୋଳିରେ- ତୁଳିରେ

ଫକୀର ମୋହନଙ୍କ ପ୍ରଭାବ : ଓଡ଼ିଆ ଶବ୍ଦ ସହିତ ବୈଦେଶିକ ଶବ୍ଦ ପ୍ରୟୋଗ କରି ବାଞ୍ଛାନିଧି ଫକୀରମୋହନଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଫକୀର ମୋହନ ଯେପରି ପଦ୍ୟର ମିଳନ ପାଇଁ ଓଡ଼ିଆ ଶବ୍ଦ ସହିତ ଇଂରାଜୀ ଶବ୍ଦର ମିଳନ ଘଟାଇଥିଲେ, ବାଞ୍ଛାନିଧି ସେହିପରି ପଦର ମିଳନ ପାଇଁ ବୈଦେଶିକ ଶବ୍ଦର ବ୍ୟବହାର କରିଥିଲେ । ଫକୀରମୋହନଙ୍କ ଉତ୍କଳ ଭ୍ରମଣମ୍ :-

ଦେଖି ଦେଖି ତେର ଦିନ ଜାଣିଛି ବିଶେଷ

ଅଟ ତୁମ୍ଭେ ଜଣେ Man of business

ଯାହା କିଛି ବିଚାରିଛ ସବୁକଥା ଭୁଲ

ହୋଇ ନପାରିବ କେତେବେଳେ Successful

**ବାଞ୍ଛାନିଧି ପଦ୍ୟାବଳୀ :-**

ନିଜ ଦେଶେ ପ୍ରଭୁପଣ ଦେଖାଅ ହେ ଫେସନ

ବିଲାତି ତୁମ୍ଭରି ନାମ Slavish nation

**ପ୍ରତିଧ୍ୱନିମୂଳକ ଶବ୍ଦ (Echo-words)**

କବିତାରେ ସାଂଗୀତିକତା ପାଇଁ ଅନୁରଣନ ମୂଳକ, ପ୍ରତିଧ୍ୱନ୍ୟାତ୍ମକ ମଧ୍ୟ ପ୍ରୟୋଗ ହୋଇଥାଏ । ଅନେକ ସମୟରେ ଦୃଶ୍ୟାତ୍ମକ ଶବ୍ଦର ମଧ୍ୟ ପ୍ରୟୋଗ ହୁଏ । କେଉଁଠି କେଉଁଠି ଲଥା ଶବ୍ଦର ବ୍ୟବହାର ମଧ୍ୟ ହୋଇଥାଏ । ଏହି ଲଥା ଶବ୍ଦ ହେଉଛି ଏକ ଏକ ଯୋଡ଼ି ଶବ୍ଦ । କେଉଁଠି ଯୋଡ଼ି ଶବ୍ଦ ତନ୍ମଧ୍ୟରୁ ଦୁଇଟି ଯାକର ଅର୍ଥ ସଂରକ୍ଷିତ ରହି ଯୋଡ଼ିଶବ୍ଦର ଅର୍ଥରେ ପରିବର୍ତ୍ତନ ହୋଇଯାଏ, କେଉଁଠି ମୂଳ ସାର୍ଥକ ଶବ୍ଦରେ ନିରର୍ଥକ ମକର ସଂଯୋଗ ହୋଇଥାଏ । ଏହିଭଳି ଉଦାହରଣ ବାଞ୍ଛାନିଧିଙ୍କ କବିତାରେ ବହୁ ପରିମାଣରେ ରହିଛି । ଯଥା :-

ଅନୁରଣନାତ୍ମକ ଶବ୍ଦ :- ଗୁଣଉ ଗୁଣଉ, ଝର ଝର,

ଦୃଶ୍ୟାତ୍ମକ୍ ଶବ୍ଦ :- ଝଲ ମଲ, ଚକ୍ ଚକ୍, ଫର ଫର, ଠେଲିଠେଲି, ଥରି ଥରି, ହାମୁଡ଼ୁ ହାମୁଡ଼ୁ ।

ଦୁଇ ସାର୍ଥକ ଯୋଡ଼ି ଶବ୍ଦ :- ଜାଣିଶୁଣି

ସାର୍ଥକ + ନିରର୍ଥକ ଶବ୍ଦ :- ଡ଼ାକି-ହାକି, ହାକିମ-ହୁକୁମା, ବୁଝି -ଶୁଝି,

ଛାର-ଖାର, କମିଶନ-ଫମିଶନ ।

ସମାର୍ଥ ବାଚକ ଯୋଡ଼ି ଶବ୍ଦ :- ସାଜସଜା, ପିଟାପିଟି, କଳେ ବଳେ, ମୂଲ ମଜୁରି, ଖେଳନାଟକ ଚୋର ଖଣ୍ଡ, ପର୍ବତ-କାନ୍ତାର, ଧରମ-କରମ ।

ବିପରୀତାର୍ଥ ବୋଧକ ଯୋଡ଼ିଶବ୍ଦ :- ଭଲଭନ୍ଦ, କ୍ଷୀରନୀର, ଉଚ୍ଚନୀଚ, ଛୁଆଁ ଅଛୁଆଁ, ଭେଦାଭେଦ, ନରମ ଗରମ, ସ୍ୱଦେଶୀ ବିଦେଶୀ ।

**ଶବ୍ଦ ଭଣ୍ଡାର :-** ଓଡିଆ ଶବ୍ଦ ଭଣ୍ଡାର ମୁଖ୍ୟତଃ ୫ ପ୍ରକାର । ତତ୍ସମ, ଅର୍ଦ୍ଧତତ୍ସମ, ତଦ୍‌ଭବ, ବୈଦେଶିକ ଓ ଦେଶଜ । ବାଞ୍ଛାନିଧି ଏକ ଅଂଚଳରେ ଜନ୍ମ ଗ୍ରହଣ କରିଥିଲେ ଯେଉଁଠି ଯାବନିକ ଭାଷା ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ନଗଣ୍ୟ ନୁହେଁ । ସେ ଏଭଳି ଏକ ସମୟରେ ଆବିର୍ଭୂତ ହୋଇଛନ୍ତି ଯେତିକିବେଳେ ଇଂରାଜୀ ଶବ୍ଦ ଭଦ୍ରକ, ବାଲେଶ୍ୱର ଏବଂ କଟକ ଅଂଚଳରେ ଯଥେଷ୍ଟ ଅଧିକ ପରିମାଣରେ ବ୍ୟବହୃତ ହୋଇ ସାରିଛି । ଆଧୁନିକ ସାହିତ୍ୟ ପ୍ରତି ତାଙ୍କର ଥିଲା ଆନ୍ତରିକ ନିଷ୍ଠା ଓ ଆଦର । ତାଙ୍କ ସମୟରେ ଯେଉଁ ସାହିତ୍ୟିକ ମାନେ କାବ୍ୟ, କବିତା, ଉପନ୍ୟାସ, ଗଳ୍ପ, ନାଟକ, ଲୋକନାଟକ, ପ୍ରବନ୍ଧ ରଚନା କରିଛନ୍ତି ବୈଦେଶିକ ଶବ୍ଦ କ୍ଷୀର-ନୀର ପରି ମିଶି ଯାଇଛି । ମୁକ୍ତି ସଂଗ୍ରାମୀର ଚାରଣ କବି ବାଞ୍ଛାନିଧି ଓଡ଼ିଶାର ନିପଟ ମଫସଲ ମାନଙ୍କରେ ଘୂରି ଘୂରି ସଂଗୀତ ମାଧମରେ ମୁକ୍ତି ସଂଗ୍ରାମର ବାର୍ତ୍ତା ପ୍ରଚାର କରିଥିଲେ । ତେଣୁ ମଫସଲରେ ପ୍ରଚଳିତ ଲୋକଭାଷାର ଶବ୍ଦ ଏବଂ ଦେଶଜ ଶବ୍ଦ ସାହିତ୍ୟରେ ପ୍ରୟୋଗ କରିବାର ଅବକାଶ ଥିଲା । ତେଣୁ ତାଙ୍କର ଶବ୍ଦ ଭଣ୍ଡାର ବୈଚିତ୍ର୍ୟପୂର୍ଣ୍ଣ ।

ଯଥା -

**ତତ୍ସମ ଶବ୍ଦ :-** ସନ୍ତାନ, ନେତ୍ର, ସୁତ, କର, ପୁତ୍ର, ଅନ୍ନ, ବସ୍ତ୍ର, ବୈଜୟନ୍ତୀ, ସିଂହନାଦ, ଶିକ୍ଷା, ଭିକ୍ଷା, ପୌରୁଷ, ମାତା, ପ୍ରହାର, ଅନୁଚର, ଶିଷ୍ୟ, ବସୁଧା, ଦୀନବଂଧୁ, କୃପାସିନ୍ଧୁ, ବିଷାଦ, ଯାମିନୀ, ତରୁଣୀ, କର୍ଣ୍ଣଧାର, ଧରିତ୍ରୀ, କୋଦଣ୍ଡଧାରୀ, ଗାଭୀ, ନୀରବ, ନର୍ତ୍ତନ ଇତ୍ୟାଦି ।

ସଂସ୍କୃତ ବ୍ୟାକରଣର ନିୟମରକ୍ଷା କରି ସେ କେତୋଟି ତତ୍ସମ ଶବ୍ଦ ସୃଷ୍ଟି କରିଛନ୍ତି । ଯଥା - ଜନନୀ (ସମ୍ବୋଧନ) ଯଶଃ, ପ୍ରାତଃ, ଅମ୍ବିକେ (ସମ୍ବୋଧନ) ଅମ୍ବାଳିକେ (ସମ୍ବୋଧନ) ।

**ସଂସ୍କୃତ ସମାସ ସଂପନ୍ନ ଶବ୍ଦ :-**

ଜମ୍ବୁ ମୋହିନୀ, ତ୍ରିନେତ୍ର - ଧାରିଣୀ, ଭବ -ଭୟ, ନୃମୁଣ୍ଡ-ମାଳିନୀ, ସମର- ରଙ୍ଗିନୀ, ଲେଲିହାନ- ଜିହ୍ୱା-ରଙ୍ଗେ, ଭୁ ଜଙ୍ଗୀ-ସଙ୍ଗ ଠଭଗିନୀ, ଭୂଶ୍ମଶାନେ ଇତ୍ୟାଦି । ଅର୍ଦ୍ଧ ତତ୍ସମ ଶବ୍ଦ:- ଧରମ, କରମ, ରକତ ଇତ୍ୟାଦି ।

ତଦ୍‌ଭବ ଶବ୍ଦ- ପୁଅ, ସଁପି, ବିଜୁଳି, ଯେସନ, ତେସନ, ଗୋସାଇଁ, ବେଉସା, ମାଟି, ଉଠ, ଭାତ, ଘେନା, ଖପରା, ଯୁଝି, ସୁନା ପାନିଆ, ଆରିଶି, କପଡ଼ା, ଗହମ, ଭୋଳ, ଲୁଣ, ଦିଆସିଲି, ଛତା, ଛୁରି, ଅମିୟ ।

**ଦେଶଜ ଶବ୍ଦ :-** ମଠ, ଅଣ୍ଟା, ଲୁଗା, ଓଟାରି, ଠେଲ, ଢିଙ୍କି, ରୁଅ, ଜୁହାର, ଉଅ ଇତ୍ୟାଦି ।

**ବୈଦେଶିକ ଶବ୍ଦ :-** (ଯାବନିକ) ଅଫିମ, ଖିଲାପତ, ହୁକୁମ, କଲମ, କାଗଜ, ତୟାର, ତକିଆ, ଖରଚ, ସିନ୍ଦୁକ, ଗୋଲାମ, ଚାକିରି, ବରାତି, ତିଆରି, ଅଲ୍ଲା, ମହମ୍ମଦ, ସୌକତ, ନକଲି , ସହରବିଲାତି, ଜାହାଜ, ଜିନିଷ, ଅଦାଲତ, ମୁସଲମାନ, କଇଁଚି, ହାୱାଗାଡ଼ି ।

**ଇଂରାଜୀ ଶବ୍ଦ : -** ଡ଼ାୟାର, ଫେସନ, ଟିକସ୍, ଫେନସି, ସୁଇଟ୍, ସେଣ୍ଟ, ପରଫ୍ୟୁମେରି, ନାଇଟ୍, ଟାଇଟ୍, ଲାଟ୍, ଆଇରିସ୍, ବ୍ୟୁରୋକ୍ରସି, ସିଭିଲସର୍ଜନ, ଆଇ ପି.ଏମ୍. ମଡ଼ର କେସ୍ , ଫାୟାର, ଗଭର୍ଣ୍ଣର, ପ୍ରଫେସର ସବ୍ କମିଟି, ଜରମାନି ଇତ୍ୟାଦି ।

**ଲୋକଭାଷା ଶବ୍ଦ :-** ବାଞ୍ଛାନିଧି ତାଙ୍କ କବିତାରେ ବହୁ ଲୋକଭାଷାର ଶବ୍ଦ ବ୍ୟବହାର କରିଛନ୍ତି । 'ବାଞ୍ଛାନିଧି ପଦ୍ୟାବଳୀ' ଗୀତ ନଂ ୭ରେ ଏହାର ବହୁଳ ପ୍ରୟୋଜ ଦେଖିବାକୁ ମିଳେ । । ଯଥା-

ଲୁଣ, ଦିଆସିଲି, ଛତା
ଛୁରି, କଇଁଚି ଓ ଜୋତା
ଆରିଶି, ପାନିଆଁ, କ୍ଷୁର
ନକଲି ନାନା ପ୍ରକାର

କାଚ ସଂଖ୍ୟା କାଚମାଳ
ଗହଣା ବେଙ୍ଗି-ପିତଳ
ଚେନ୍ ଘଡ଼ି, ଶୂନ୍ -ଗାଡ଼ି
ଦମ୍‌କଳ, ହାଓ୍ୱା ଗାଡ଼ି
(ବାବୁ) ବିଲାତି ଜିନିଷ କିଣି ମନେ ଖୁସି ହୋ ।

**ଶୈଳୀତତ୍ତ୍ୱ :-** ବାଞ୍ଛାନିଧିଙ୍କ ପଦ୍ୟଗୁଡ଼ିକ ସାଂଗୀତିକତା ଦୃଷ୍ଟିରୁ ଅନବଦ୍ୟ । ତାଙ୍କ ପଦ୍ୟରେ ବିଭିନ୍ନ ଅଳଂକାର ରୀତି, ଗୁଣ ରହିଛି । ତାଙ୍କର ଉପମା, ପ୍ରତୀକ ଓ ରୂପକଙ୍କର ପ୍ରୟୋଗ କୃତ୍ରିମ ନୁହେଁ ସ୍ୱତଃ ସ୍ଫୂର୍ତ୍ତ । ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ । ଯଥା - କବିତା ଡ଼ଂଗା, ମନକୂଳ, ମୋ ଦେଶ ସୁନା ପସରା, ଅକୂଳ ସାଗରେ ନେଇ ଦେଲୁ ତରଣୀ ଉସାଇ, କର୍ଣ୍ଣଧାର କେହି ନାହିଁ ନାବ କିଏ ବାହିବିରେ । କବି ହୃଦ-ସୁଚାରୁ-ସବିତା । ଟିକାଲି ତା ଅଂଗ ଟୀକା ସମ୍ବର ଚାରୁ ଛିଟିକା । ଫୁଲଝର ଫୁଲଝରା ସୁଷମାବେଶୀ, ବିପଦବାରିଧି ଇତ୍ୟାଦି ନିଦର୍ଶନ ।

ବାଞ୍ଛାନିଧି ଭାଷାତତ୍ତ୍ୱବିତ୍ ନଥିଲେ । ଭାଷା ସଂପର୍କରେ ଗବେଷଣା କରିବା ତାଙ୍କର ମନବୃତ୍ତି ବା ପ୍ରବୃତ୍ତି ନଥିଲା । ସେ କେବଳ ବୁଝିଥିଲେ ଜନ୍ମମାଟିର ବାର୍ତ୍ତା ଜନ୍ମ ମାଟିର ସନ୍ତାନ ମାନଙ୍କ ପାଖରେ ପହଞ୍ଚାଇ ଦେବାକୁ ହେଲେ ଜନ୍ମମାଟିର ଭାଷା ବା ମାତୃଭାଷା ଓଡ଼ିଆ ଅପରିହାର୍ଯ୍ୟ ଏବଂ ସେ ବୁଝିଥିଲେ ତାଙ୍କର ଏହି ମାତୃଭାଷା ଓଡିଆରେ ରହିଛି ସୁଦୃଢ଼ ଭିତ୍ତି, ସୁଦୀର୍ଘ ଇତିହାସ, ବଳିଷ୍ଠ ଐତିହ୍ୟ ଓ ଜୀବନ୍ତ ବର୍ତ୍ତମାନ ତାହାକୁ ନଷ୍ଟ କରିଦେବା ପାଇଁ ଯେତେ ବାହ୍ୟ ଚକ୍ରାନ୍ତ ହେଲେ ମଧ ମାତୃଭାଷା ମରିପାରେନି । ଏ ମାତୃଭାଷାର କ୍ଷୟ ନାହିଁ, ଅଛି ସମୃଦ୍ଧି । ତା'ର ଉଦାର ହୃଦୟରେ ସେ ସ୍ଥାନ ଦେଇଛି ବାହାରୁ ଆସିଥିବା ଅଥଚ ଆଶ୍ରୟ ଲୋଡ଼ିଥିବା ଭାଷାମାନଙ୍କର ଶବ୍ଦ । ମାତୃଭାଷା(ଓଡ଼ିଆ) ସଂସ୍କୃତରୁ ଆସିଥିବାରୁ ଏଥିରେ ତତ୍ସମ, ଅର୍ଦ୍ଧତତ୍ସମ ଓ ତଦ୍‌ଭବ ଶବ୍ଦ ବାରପଣରୁ ଅଧିକ ରହିଛି ଅଥଚ ପାରସିକ, ଆରବିକ, ତୁର୍କ, ପର୍ତ୍ତୁଗୀଜ ଇଂରାଜୀ ସହିତ ବହୁ ବହୁ ବୈଦେଶିକ ଶବ୍ଦ ଯିଏ ଆମ ମାତୃଭାଷାର ଆପଣାର ହେବାକୁ ଚାଲିଛି ତାହାକୁ ମାଆ ଆମର ଆପଣେଇ ନେଇଛି । ସେହି ବୈଚିତ୍ର୍ୟମୟୀ ଭାଷାର ଉଜ୍ଜ୍ୱଳ ପ୍ରତିବିମ୍ବ ଝଟକୀ ଉଠିଛି ବାଞ୍ଛାନିଧିଙ୍କ ପ୍ରାୟ ଦୁଇଶହରୁ ଅଧିକ ପଦ୍ୟ ମଧରେ । ଅନେକ ରଚନା ତାଙ୍କର ଏବେ ବି ଅପ୍ରକାଶିତ ରହିଛି, ଯହିଁରେ ଆମ ମାତୃଭାଷାର ରୂପବୈଚିତ୍ର ଆହୁରି ଉଦ୍‌ଭାସିତ ହୋଇପାରେ । ଧ୍ୱନିତତ୍ତ୍ୱ ଶବ୍ଦ ତତ୍ତ୍ୱ ଓ ଶୈଳୀତତ୍ତ୍ୱ ଦୃଷ୍ଟିରୁ ବାଞ୍ଛାନିଧିଙ୍କର ଏହି ପଦ୍ୟ ଓ ସଂଗୀତ ଯେ କୌଣସି ଭାଷାତତ୍ତ୍ୱବିତ୍‌ଙ୍କର ଦୃଷ୍ଟି ଆକର୍ଷଣ କରିବ । ଏ ସଂପର୍କରେ ବିଧିବଦ୍ଧ ଗବେଷଣାର ଆବଶ୍ୟକତା ରହିଛି । ରୂପତତ୍ତ୍ୱ, ଅର୍ଥତତ୍ତ୍ୱ,ବାକ୍ୟ ତତ୍ତ୍ୱ ପ୍ରଭୃତି ଦୃଷ୍ଟିରୁ, ପୁଣି ଐତିହାସିକ ଭାଷା ବିଜ୍ଞାନ, ବର୍ଣ୍ଣନାତ୍ମକ ଭାଷା ବିଜ୍ଞାନ, ତୁଳନାତ୍ମକ ଭାଷାବିଜ୍ଞାନ ଓ ଉପଭାଷାବିଜ୍ଞାନ ଦୃଷ୍ଟିରୁ ତାଙ୍କ ସୃଷ୍ଟିର ଭାଷା ତାତ୍ତ୍ୱିକ ଦିଗଟି କେତେ ସୁଦୂର ପ୍ରସାରୀ ତାହା ପ୍ରମାଣିତ ହୋଇପାରିବ । ଏ କ୍ଷେତ୍ରରେ ଭାଷା ଗବେଷକ ମାନଙ୍କର ପଦକ୍ଷେପ ସ୍ୱାଗତଯୋଗ୍ୟ ।

ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର